## ଆଜି କ'ଣ କେଉଁଠି

- ସସହର ସମସ୍ୟା ନେଇ ଭାଜପା ପ୍ରତିନିଧି ମଣ୍ଡଳ ପକ୍ଷରୁ କମିଶନରଙ୍କୁ ଦାବିପତ୍ର। ସ୍ଥାନ- ବିଏମ୍‌ସି କାର୍ଯ୍ୟାଳୟ। ସମୟ- ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ମା' ମୃତ, ବାପ ଝିଅ ଗୁରୁତର

ବାଲିଗୁଡ଼ା, ୨୨।୮(ଡି.ଏନ୍.ଏ.)- ଘଞ୍ଚ ଜଙ୍ଗଲକୁ ଶିଆଳିପତ୍ର ତୋଳିବାକୁ ଯାଇ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି ଗୋଟିଏ ପରିବାରର ବାପା, ମା' ଓ ଝିଅ। ଭାଲୁ ଆକ୍ରମଣରେ ମା'ଙ୍କ ମୃତ୍ୟୁ ହୋଇଥିବା ବେଳେ ବାପା ଓ ଝିଅ ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ବାଟାଗୁଡ଼ା ଅଞ୍ଚଳରେ।


ଆହତ ବାପା

ସୋମବାର ସକାଳେ ବାଲିଗୁଡ଼ା ଥାନା ଟଙ୍ଗମ ଗ୍ରାମର ବାଞ୍ଛା ମଲିକ, ସ୍ତ୍ରୀ ବୁଡାଳି ଓ ଝିଅ ସର୍ପ ନିକଟସ୍ଥ ଜଙ୍ଗଲକୁ ଶିଆଳିପତ୍ର ତୋଳିବା ପାଇଁ ଯାଇଥିଲେ। ଏହି ସମୟରେ ଜଙ୍ଗଲୀ ଭାଲୁ ମା' ବୁଡ଼ାଳିଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ବୁଡ଼ାଳିଙ୍କୁ ରକ୍ଷା କରିବାକୁ ଯାଇ ବାପା ବାଞ୍ଛା ଓ ଝିଅ ସର୍ପ ମଧ୍ୟ ଭାଲୁ ଆକ୍ରମଣର ଶିକାର ହୋଇଥିଲେ ହେଁ ବର୍ତ୍ତି ଯାଇଛନ୍ତି। ଘଟଣାସ୍ଥଳରେ ବୁଡାଳି ମଲିକଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବାଞ୍ଛା ଓ ସର୍ପଙ୍କୁ ବାଲିଗୁଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତୁମୁଡ଼ିବନ୍ଧ ରେଞ୍ଜର ଲଳିତ ନାୟକ, ବାଟାଗୁଡ଼ା ସରପଞ୍ଚ ପ୍ରତାପ ମଲିକ ପହଞ୍ଚି ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ବାବା ଶଙ୍କର ସରାଫ୍ ପ୍ରକାଶ କରିଛନ୍ତି।

### ଆହତ ବ୍ୟକ୍ତିଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୨।୮: ଦୁର୍ଘଟଣାରେ ଆହତ ଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସୁନୀଲ କୁମାର ବେହେରା (୪୪)। ଏନେଇ ଅଭିଯୋଗ ପରେ ସଦର ଥାନା ପୋଲିସ ନଂ.୩୭୩/୨୨ରେ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରୁଛି। ପ୍ରକାଶ ଯେ, ଗତ ୧୬ ତାରିଖରେ ସୁନୀଲ ବାଇକ୍‌ରେ ଆଙ୍କୁଶପୁରରୁ ତାଙ୍କ ଘରକୁ ଫେରୁଥିଲେ। ରାତି ପ୍ରାୟ ୧୦ଟାରେ ତାଙ୍କ ବାଇକ୍ ପଛପଟକୁ ଅନ୍ୟ ଏକ ବାଇକ୍ ଧକ୍କା ଦେବା ଫଳରେ ସେ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଜରିଆରେ ଏମ୍‌କେସିଜି ପଠାଇଥିଲେ।

### ଓକିଲ ସଂଘ ବୈଠକ

ଆସିକା,୨୨।୮(ଡି.ଏନ.ଏ.)-ଆସିକା ଓକିଲ ସଂଘର ଏକ ଜରୁରୀ ବୈଠକ ସୋମବାର ଓକିଲ ସଂଘ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ସମ୍ପାଦକ ଛବିଳରାମ ମିଶ୍ର ସଂଯୋଜନା କରିଥିଲେ। ବୈଠକରେ ରବିବାର ସଂଘର ବରିଷ୍ଠ ସଦସ୍ୟ ରବିନ୍ଦ୍ର କୁମାର ପାତ୍ରଙ୍କ ଉପରେ ଆକ୍ରମଣ ଓ ତାଙ୍କର ବାଇକ ପୋଡିକୁ ନେଇ ଉଦବେଗ ପ୍ରକାଶ କରାଯାଇଥିଲା। ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିର ସୁନିୟନ୍ତ୍ରଣ ଲାଗି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପୋଲିସ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ ଲାଗି ନିଷ୍ପତ୍ତି ନିଆଯାଇଛି।

# ପ୍ରଥମ ପର୍ଯ୍ୟାୟ ସୌନ୍ଦର୍ଯ୍ୟକରଣ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୨୨।୮

ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା ବୁଢ଼ୀ ଠାକୁରାଣୀ ମନ୍ଦିର ଉନ୍ନତୀକରଣ ନେଇ ସୋମବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ବୁଢ଼ୀ ଠାକୁରାଣୀ ମନ୍ଦିର ପରିଦର୍ଶନ କରିଛନ୍ତି। ଜିଲାପାଳ ମନ୍ଦିର ପରିସର ବୁଲି ଦେଖିବା ସହ ଏଠାରେ କଣ ଆବଶ୍ୟକତା ରହିଛି ସେ ସମ୍ପର୍କରେ ପୂଜକଙ୍କ ସହ ଆଲୋଚନା କରିଥିଲେ। ମନ୍ଦିରର ଉନ୍ନତୀକରଣ ନିମନ୍ତେ ପ୍ରସ୍ତୁତ ହୋଇଥିବା ନକ୍ସାକୁ ଜିଲାପାଳ ଦେଖିବା ସହ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାରମ୍ଭ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମନ୍ଦିର ପରିସର ବାହାରେ ପାର୍କିଂ ବ୍ୟବସ୍ଥା ପାଇଁ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜବର ଦଖଲ ଉଚ୍ଛେଦ କରାଯାଇ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଏମସି କମିଶନର ଜେ.ସୋନାଲ କହିଥିଲେ, ମନ୍ଦିରର ଉନ୍ନତିକରଣ ପାଇଁ ଏକ ଆର୍କିଟ୍ରେକଚର ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ନକ୍ସା ମଧ୍ୟ ପ୍ରସ୍ତୁତ ହୋଇଛି। ବିଡିଏ ସଚିବ ସମ୍ବିତ ରାଉତ ତାରାତାରିଣୀ ମନ୍ଦିର ନିର୍ମାଣ କରିଥିବା କାରିଗରଙ୍କ ଦ୍ୱାରା ବୁଢ଼ୀ ଠାକୁରାଣୀ ମନ୍ଦିର ଉନ୍ନତୀକରଣ କରାଯିବ ବୋଲି କହିଥିଲେ।


ଜିଲାପାଳ ଓ ଅନ୍ୟ ପଦାଧିକାରୀ ବୁଢ଼ୀ ଠାକୁରାଣୀ ମନ୍ଦିର ବୁଲି ଦେଖୁଛନ୍ତି।

**ବୁଢ଼ୀ ଠାକୁରାଣୀ ମନ୍ଦିରର ହେବ ଉନ୍ନତୀକରଣ**

୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମନ୍ଦିରର ଉନ୍ନତୀକରଣ ନେଇ ୧ କୋଟି ୧୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। କିନ୍ତୁ କୌଣସି କାର୍ଯ୍ୟ ନ ହେବାରୁ ଅନୁଦାନ ଫେରିଯାଇଥିଲା।

ଏହାପରେ ଗତ ଜୁନ ୪ରେ ଏହାର ଉନ୍ନତୀକରଣ ନେଇ ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ବୁଢ଼ି ଠାକୁରାଣୀ ମନ୍ଦିର ପରିଦର୍ଶନ ପରେ ଜିଲାପାଳ ଆମ୍ବପୁଆ ରକ ଗାର୍ଡେନ ଓ ଗୋଷାଣୀନୂଆଗାଁ ବେଡା ବନ୍ଧ ଉନ୍ନତୀକରଣ ନେଇ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ୱାସନ, ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ପାଢ଼ୀ ଓ ତହସିଲଦାର ରବୀନ୍ଦ୍ର ମିଶ୍ର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ତତ୍କାଳୀନ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ୪ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୨।୮

**ରାସ୍ତା ନିର୍ମାଣରେ ଅର୍ଥ ହେର୍‌ଫେର ମାମଲା**

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅରୁଣ କୁମାର ସାହୁ ସୋମବାର ଜାତୀୟ ରାଜପଥ -୨୧୭ ନିର୍ମାଣ କାମରେ ଲକ୍ଷାଧିକ ଟଙ୍କା ସରକାରୀ ଅର୍ଥ ହେର୍‌ଫେର ହୋଇଥିବା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ବ୍ରହ୍ମପୁର ଜାତୀୟ ରାଜପଥ ବିଭାଗର ତତ୍କାଳୀନ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ୪ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ମିଶ୍ର, ସହକାରୀ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, କନିଷ୍ଠ ଯନ୍ତ୍ରୀ ଚନ୍ଦ୍ରଶେଖର ମିଶ୍ର ଓ ଠିକାଦାର ଅବକାଶ ପାଢ଼ୀ। ୨୦୦୪ରେ ଗୋପାଳପୁର, ସୋରଡ଼ା ଓ ଦାରିଙ୍ଗବାଡ଼ି ହୋଇ ରାୟପୁର ଯାଇଥିବା ରାସ୍ତାକୁ ଜାତୀୟ ରାଜପଥ (ଏନ୍‌ଏଚ୍)୨୧୭ କୁହାଯାଉଥିଲା। ବର୍ତ୍ତମାନ ତାହା ଏନ୍‌ଏଚ୍ ୫୯ କୁହାଯାଉଛି।

ପ୍ରକାଶ ଯେ, ୨୦୦୪ରେ ସୋରଡ଼ାଠାରୁ ଦାରିଙ୍ଗବାଡ଼ି ୧୦୦ କି.ମି. ରାସ୍ତା ପାଇଁ ଠିକାଦାର ଅରୁଣ କୁମାର ଚୌଧୁରୀ ଟେଣ୍ଡର ପାଇ କାମ କରିଥିଲେ। ତେବେ ଉକ୍ତ ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ୨୩ କି.ମି. କାମ ମୁଖ୍ୟ ଠିକାଦାର ଅରୁଣଙ୍କୁ ଦିଆ ନ ଯାଇ ଅନ୍ୟ ଜଣେ ଠିକାଦାର ଅବକାଶଙ୍କୁ ଦେଇ ୨ଲକ୍ଷ ୫୯ହଜାର ୭୫୬ ଟଙ୍କା ଆତ୍ମସାତ୍ କରାଯାଇଥିଲା ବୋଲି ୨୦୦୫ ଡିସେମ୍ବର ୨୮ରେ ଅଭିଯୋଗ ହୋଇଥିଲା। ବ୍ରହ୍ମପୁର ଭିଜିଲାନ୍ସ ଜଜ୍ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ମାମଲା ନମ୍ବର ୩୧/୦୫ରେ ଗିରଫ ପରେ ଜାମିନରେ ଛାଡ଼ି ଦେଇଥିଲେ। ସୋମବାର ଭିଜିଲାନ୍ସ ଜଜ୍ କୋର୍ଟରେ ଉକ୍ତ ମାମଲାର ଶୁଣାଣି ହୋଇଥିଲା। ଉକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ୍ ସେମାନଙ୍କୁ ନିର୍ଦ୍ଦୋଷ ବୋଲି ରାୟ ପ୍ରକାଶ କରିଛନ୍ତି। ଏନେଇ ମୁଦାଲାଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଏସ୍. ରାମକୁମାର ସୂଚନା ଦେଇଛନ୍ତି।

# ବଳଦ କିଣାବିକାରୁ ଗୁଳିମାଡ଼, ମା' ପୁଅ ଗୁରୁତର



ଗୁରୁତର ମା' ଏବଂ ପୁଅ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ଫୁଲବାଣୀ ଅଫିସ, ୨୨।୮

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ପିଲୁପଦର ଗ୍ରାମରେ ସୋମବାର ବଳଦ କିଣାବିକା ଟଙ୍କାକୁ କେନ୍ଦ୍ରକରି ଗୁଳିମାଡ଼ ହୋଇଛି। ବଳଦ କିଣିଥିବା ବ୍ୟକ୍ତି ଓ ତାଙ୍କ ସହଯୋଗୀଙ୍କ ଗୁଳି ମାଡ଼ରେ ବିକିଥିବା ମା' ଏବଂ ପୁଅ ଗୁରୁତର ହୋଇଛନ୍ତି। ମା'ର ଜଙ୍ଘରେ ଏବଂ ପୁଅର ପେଟରେ ଗୁଳି ବାଜିଛି। ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ପରେ ସ୍ଥିତି ଜଟିଳ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦେଶୀ ବନ୍ଧୁକରୁ ଗୁଳି ମାଡ଼ ହୋଇଥିବା ଜଣାପଡ଼ିଛି। ଗୁରୁତର ମା' ହେଲେ ପ୍ରଭାସିନୀ ସାହାଣୀ ଓ ନାବାଳକ ପୁଅ ସବାଜନ।

ସୂଚନା ଅନୁସାରେ, ପିଲୁପଦର ଗ୍ରାମର ପ୍ରଭାସିନୀଙ୍କ ଠାରୁ ଜଣେ ବ୍ୟକ୍ତି ଚାରୋଟି ବଳଦ କିଣି ନେଇଥିଲେ। ହେଲେ ଏ ବାବଦରେ ସେହି ବ୍ୟକ୍ତି ପ୍ରଭାସିନୀଙ୍କୁ ଟଙ୍କା ଦେଇ ନ ଥିଲେ। ଫଳରେ ପ୍ରଭାସିନୀ ସମ୍ପୃକ୍ତ ବ୍ୟକ୍ତିଙ୍କ ବାଇକ୍ ରଖି ଦେଇଥିଲେ। ଅପରାହ୍ନ ପ୍ରାୟ ୪ଟାରେ ବଳଦ କିଣିଥିବା ବ୍ୟକ୍ତି, ତାଙ୍କ ପରିବାର ଲୋକ ଏବଂ କେତେକ ସହଯୋଗୀ ଆସି ପ୍ରଭାସିନୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଉତ୍ତ୍ୟକ୍ତ ହୋଇ ସେମାନେ ପ୍ରଭାସିନୀ ଓ ତାଙ୍କ ନାବାଳକ ପୁଅକୁ ଗୁଳି ମାଡ଼ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗୁରୁତରଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଗୁଳିମାଡ଼ କରିଥିବା ବ୍ୟକ୍ତି ଏବଂ ତାଙ୍କ ପରିବାର ଲୋକେ ଫେରାର ଥିବା ଜଣାପଡିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ସଦର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁଙ୍କୁ ପଚାରିବାରୁ ସେ ଟ୍ରେନିଂରେ ଥିବା କହିବା ସହ ଘଟଣା ବିଷୟରେ ଅବଗତ ନ ଥିବା ପ୍ରକାଶ କରିଛନ୍ତି।

# ମହିଳାଙ୍କ ଟଙ୍କା, ମୋବାଇଲ ଚୋରି

ବ୍ରହ୍ମପୁର ଅଫିସ,୨୨।୮

ଏମ୍‌କେସିଜି ହସ୍ପିଟାଲର ମେଡିସିନ ୱାର୍ଡରୁ ଜଣେ ମହିଳାଙ୍କ ଭ୍ୟାନିଟିରୁ ଟଙ୍କା, ବିଭିନ୍ନ କାଗଜପତ୍ର ଓ ମୋବାଇଲ ଚୋରି ହୋଇଛି। ଏନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୯୦/୨୨ରେ ଏକ ମାମଲା ରୁଜୁ କରିଛି। ଲୁଟେରାଙ୍କୁ ଧରିବା ପାଇଁ ହସ୍ପିଟାଲ ଭିତରେ ଲାଗିଥିବା ସିସିଟିଭି ଫୁଟେଜ୍ ପୋଲିସ ଯାଞ୍ଚ କରୁଛି। ପ୍ରକାଶ ଯେ, ଜରଡ଼ା ଥାନା ଅନ୍ତର୍ଗତ ଖାରିଆଗୁଡ଼ା ଗ୍ରାମର ଜଗନ୍ନାଥ ପ୍ରଧାନଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ତାଙ୍କୁ ଏମ୍‌କେସିଜିରେ ଗତ ୨୦ ତାରିଖରେ ଭର୍ତ୍ତି କରାଯାଇଥିଲା। ଜଗନ୍ନାଥଙ୍କ ନିକଟରେ ତାଙ୍କ ସ୍ତ୍ରୀ ସୁନିତା ରହୁଛନ୍ତି। ରବିବାର ରାତିରେ ସୁନିତା ମେଡିସିନ ୱାର୍ଡରେ ଶୋଇଥିଲେ। ଭୋରୁ ମହିଳା ଜଣଙ୍କ ଉଠି ଦେଖିବା ବେଳକୁ ତାଙ୍କ ଭ୍ୟାନିଟିରୁ ଟଙ୍କା, ମୋବାଇଲ ଓ ଅନ୍ୟାନ୍ୟ କାଗଜ ପତ୍ର ଚୋରି ହୋଇଯାଇଛି। ପରେ ସେ ଉକ୍ତ ୱାର୍ଡରେ ଶୋଇଥିବା ଅନ୍ୟମାନଙ୍କୁ ମଧ୍ୟ ଏନେଇ ପଚରାଉଚରା କରି ବିଫଳ ହୋଇଥିଲେ। ଶେଷରେ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

# ଦେଢ଼ ମାସ ପରେ ପେଟ ଭିତରେ ରହିବ ଖାଦ୍ୟନଳୀ

ବ୍ରହ୍ମପୁର ଅଫିସ,୨୨।୮

**କୃଷ୍ଣଙ୍କ ମଳଦ୍ୱାରରୁ ଗ୍ଲାସ୍ ବାହାରିବା ଘଟଣା**

ଗଞ୍ଜାମ ଜିଲା ବୁଗୁଡ଼ା ଅଞ୍ଚଳର କୃଷ୍ଣଚନ୍ଦ୍ର ରାଉତ ସୁରଟରେ କାମ କରନ୍ତି। ୨ ସପ୍ତାହ ତଳେ ସେଠାରେ ତାଙ୍କ ସହିତ କେତେଜଣ ନିଶାସକ୍ତ ବ୍ୟକ୍ତିଙ୍କର ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ କୃଷ୍ଣଙ୍କ ମଳଦ୍ୱାରରେ ଏକ ଷ୍ଟିଲ୍ ଗ୍ଲାସ୍ ପୂରାଇ ଦେଇଥିଲେ। ଲୋକଲଜ୍ଜା ଭୟରେ ସେ ଘଟଣା ସମ୍ପର୍କରେ କାହାକୁ କିଛି ନ କହି ଗାଁକୁ ଫେରି ଆସିଥିଲେ। ଗ୍ଲାସ୍‌ଟି ପେଟ ଭିତରେ ଥିବାରୁ ଭୀଷଣ ଯନ୍ତ୍ରଣା ହୋଇଥିଲା। ସେ ବ୍ରହ୍ମପୁର ବଡ଼ମେଡିକାଲ ଯାଇ ପରୀକ୍ଷା କରାଇଥିଲେ। ଡାକ୍ତରୀ ଟିମ୍ ଶୁକ୍ରବାର ଅସ୍ତ୍ରୋପଚାର କରି ତାଙ୍କ ମଳଦ୍ୱାରରୁ ଗ୍ଲାସ ବାହାର କରିଛନ୍ତି। ତାଙ୍କର ଖାଦ୍ୟନଳୀ ଏବେ ପେଟ ବାହାରକୁ ବାହାର କରାଯାଇଛି। ସେ ଏବେ ଉକ୍ତ ନଳୀ ବାଟେ ଖାଦ୍ୟ ଖାଉଛନ୍ତି। ବର୍ତ୍ତମାନ ସେ ସର୍ଜରି ବିଭାଗର ୪୫୪ ନମ୍ବର ବେଡ଼ରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଦେଢମାସ ପରେ ବାହାରେ ଥିବା ଖାଦ୍ୟନଳୀକୁ ପେଟ ଭିତରେ ରଖାଯିବ ବୋଲି ଡାକ୍ତର ସ୍ୱତୀସ୍ୱରୂପ ପଟ୍ଟନାୟକ ସୂଚନା ଦେଇଛନ୍ତି। ସର୍ଜରି ବିଭାଗ ମୁଖ୍ୟ ପ୍ରଫେସର ଡା. ଚରଣ ପଣ୍ଡାଙ୍କ ନେତୃତ୍ୱରେ ଅନ୍ୟ ଡାକ୍ତରମାନେ ଅସ୍ତ୍ରୋପଚାରରେ ସାମିଲ ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରାଯାଇ ନ ଥିବା କୃଷ୍ଣଙ୍କ ପରିବାର ଲୋକେ କହିଛନ୍ତି।



# ପାଣିରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ

ବାଲିଗୁଡ଼ା,୨୨।୮(ଡି.ଏନ.ଏ.)

**ଚାଷ ଜମି ଦେଖିବାକୁ ଯିବା କାଳ ହେଲା**

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁଡ୍ରା ପଞ୍ଚାୟତ ଜାର୍ଗୀ ଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପରିବାର ଲୋକଙ୍କ ସାଙ୍ଗରେ ଚାଷ ଜମି ଦେଖିବାକୁ ଯାଇଥିବା ବେଳେ ପାଣିରେ ବୁଡି ୨ ଶିଶୁଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଉକ୍ତ ଗାଁର ୭ ବର୍ଷର ପୁଅ ଓ ୫ ବର୍ଷର ଝିଅ।

ପ୍ରକାଶ ଯେ, ଉକ୍ତ ଗ୍ରାମର ଦୁଇ ପରିବାରର ଲୋକେ ସନ୍ଧ୍ୟାରେ ବିଲ ଦେଖିବାକୁ ଯାଇଥିଲେ। ସେମାନଙ୍କ ସହିତ ୨ଜଣ ଶିଶୁ ମଧ୍ୟ ଯାଇଥିଲେ। ବିଲରେ ବର୍ଷା ପାଣି ଭର୍ତ୍ତି ହୋଇ ରହିଥିଲା। ପରିବାର ଲୋକେ ବିଲ ଦେଖୁଥିବା ବେଳେ ଶିଶୁମାନେ ଖେଳୁଖେଳୁ ବିଲରେ ଥିବା ପାଣିରେ ପଶି ଯାଇଥିଲେ। ଫଳରେ ପାଣିରେ ବୁଡ଼ିଯିବାରୁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବାଲିଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୨।୮

ବ୍ୟବସାୟୀଙ୍କୁ ଆକ୍ରମଣ ସହ ତାଙ୍କ ମୋବାଇଲ ଲୁଟ୍ ଘଟଣାରେ ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଗାନ୍ଧୀନଗର ତୃତୀୟ ଲାଇନ୍‌ର ସାୟଦ ଜାକିର(୩୦)। ଅଭିଯୁକ୍ତଙ୍କ ନିକଟରୁ ଏକ ମୋବାଇଲ ଫୋନ୍ ଜବତ ହୋଇଛି। ମାମଲା ନମ୍ବର ୨୮୯/୨୨ରେ ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବ୍ୟାଙ୍କ କଲୋନୀ ଫାଷ୍ଟ ଲାଇନ୍‌ରେ ରହୁଥିବା କିଷାନ ବେହେରା ଜଣେ ବ୍ୟବସାୟୀ। ସେ ଶନିବାର ରାତିରେ ନୂଆ ବସ୍‌ଷ୍ଟାଣ୍ଡ ରୋଡ୍‌ରେ ଥିବା ଏକ ଔଷଧ ଦୋକାନକୁ ଯାଇ ଗାଡ଼ି ପାର୍କିଂ କରିଥିଲେ। ସେହି ସମୟରେ ଜଣେ ଯୁବକ ସେଠାରେ ପହଞ୍ଚି ତାଙ୍କ ସହ ଝଗଡ଼ା କରିଥିଲେ। ଏପରି କି ଯୁବକ ଜଣଙ୍କ ଏକ ଲୁହାରେ କିଷାନଙ୍କୁ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବା ପରେ ଯୁବକ ଜଣଙ୍କ ତାଙ୍କ ମୋବାଇଲ ଝାମ୍ପି ନେଇଯାଇଥିଲେ। ପରେ ଆହତ ବ୍ୟବସାୟୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

# ୫୬ ଅଭିଯୋଗର ଫଇସଲା, ଟ୍ରାଇ ସାଇକେଲ ବଣ୍ଟନ

ବ୍ରହ୍ମପୁର ଅଫିସ,୨୨।୮

ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ଜନ ଅଭିଯୋଗ ଶୁଣାଣି ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଶୁଣାଣିରେ ଦାଖଲ ହୋଇଥିବା ୫୬ ଅଭିଯୋଗର ଫଇସଲା ହୋଇଥିଲା। ଏଥିମଧ୍ୟରୁ ୫୨ ବ୍ୟକ୍ତିଗତ ସମସ୍ୟା, ୩ଟି ଗ୍ରାମଭିତ୍ତିକ ସମସ୍ୟା, ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ୩ ଜଣ ଭିନ୍ନକ୍ଷମ ମଧୁ ଆଚାର୍ଯ୍ୟ, ଡି. ତ୍ରିନାଥ ରେଡ୍ଡୀ ଓ ଏନ୍. ତ୍ରିପତି ରେଡ୍ଡୀଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ୱାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ଜେ. ସୋନାଲ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ପ୍ରସାଦ ପତି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମା ଶଙ୍କର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ କଲ୍ୟାଣୀ ଦାଶ, ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ, ନୋଡାଲ ଅଧିକାରୀ ବିନୋଦ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ।

**ଉପଖଣ୍ଡସ୍ତରୀୟ ଜନ ଅଭିଯୋଗ ଶୁଣାଣି**

# ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ଜୟଶ୍ରୀ ଇଂଲିଶ୍ ମିଡିୟମ ରନର୍ସ ଅପ୍

ଗଞ୍ଜାମ,୨୨।୮(ଡି.ଏନ.ଏ.)-ରାଉରକେଲା ଠାରେ ଦୁଇ ଦିନଧରି ଚାଲିଥିବା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଗଞ୍ଜାମ ଜୟଶ୍ରୀ ଇଂଲିଶ ମିଡିୟମ ସ୍କୁଲ ରନର୍ସ ଅପ ହୋଇଛି। ଗଞ୍ଜାମ ଜିଲା ବ୍ରହ୍ମପୁର ଜୋନାଲ ପକ୍ଷରୁ ଜୟଶ୍ରୀ ଇଂଲିଶ ମିଡିୟମ ସ୍କୁଲର କ୍ରୀଡା ଶିକ୍ଷକ ସୁନୀଲ କୁମାର ଦାସଙ୍କ ନେତୃତ୍ୱରେ ଦୁଇ ଜଣ ଛାତ୍ରୀ ସୁଦିକ୍ଷା ଦାସ ଏବଂ ତୃପ୍ତିରେଖା ନାଥ ପ୍ରତିନିଧିତ୍ୱ କରିଥିଲେ। ଆଇସିଏସଇ ରିଜୋନାଲ ଷ୍ଟେଟ ମିଟ ରାଉରକେଲା ପକ୍ଷରୁ ଏହା ଆୟୋଜନ ହୋଇଥିଲା। ସ୍କୁଲ ପ୍ରିନ୍ସପାଲ ଜୟଲକ୍ଷ୍ମୀ ମହାନ୍ତି ଏବଂ କମ୍ପାନୀ ଡିଜିଏମ ରବୀନ୍ଦ୍ର କୁମାର ମହାନ୍ତି କ୍ରୀଡା ଶିକ୍ଷକ ଓ ଉଭୟ ଛାତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ପ୍ରଥମ ରିସର୍ଚ୍ଚ ସ୍କଲାର କର୍ମଶାଳା

ବ୍ରହ୍ମପୁର ଅଫିସ,୨୨।୮

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ନ୍ୟୁ କନଫରେନ୍ସ ହଲରେ ପ୍ରଥମ ରିସର୍ଚ୍ଚ ସ୍କଲାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀକାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ମଞ୍ଚାସୀନ ଥିଲେ। ଏଥିରେ ସମସ୍ତ ବିଭାଗର ୧୪୭ ରିସର୍ଚ୍ଚ ସ୍କଲାର ଉପସ୍ଥିତ ଥିଲେ। କର୍ମଶାଳାର ଦ୍ୱିତୀୟ ଅଧିବେଶନରେ ବିଚାରକ ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଇଲା ପଟ୍ଟନାୟକ, ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ବିଜୟ ବହିଦାର ଯୋଗ ଦେଇଥିଲେ। ଶେଷରେ ରିସର୍ଚ୍ଚ ସ୍କଲାରଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା।




# ରେଳଷ୍ଟେଶନରୁ ୪ ନାବାଳକ, ଦୁଇ ନାବାଳିକା ଉଦ୍ଧାର

ବ୍ରହ୍ମପୁର ଅଫିସ,୨୨।୮

**କାମ ପାଇଁ ବାହାର ରାଜ୍ୟକୁ ଚାଲାଣ**

ପାଠପଢ଼ୁଆ ବେକାର ନାବାଳିକା ନାବାଳକଙ୍କୁ କାମଧନ୍ଦା ଯୋଗାଇଦେବା ବାହାନାରେ ବାହାର ରାଜ୍ୟକୁ ଚାଲାଣ ହେଉଥିବା ବେଳେ ୪ ପୁଅ ଓ ୨ ଝିଅ ସୋମବାର ଉଦ୍ଧାର ହୋଇଛନ୍ତି। ବ୍ରହ୍ମପୁର ରେଳଷ୍ଟେଶନର ୪ ନମ୍ବର ପ୍ଲାଟ୍‌ଫର୍ମରୁ ୪ ଜଣ ନାବାଳକ ଓ ଦୁଇ ନାବାଳିକାଙ୍କୁ ରବିବାର ଉଦ୍ଧାର କରିଛି ଚାଇଲ୍ଡଲାଇନ୍। ରେଳଷ୍ଟେଶନ ଶିଶୁ ସହାୟତା କେନ୍ଦ୍ର କର୍ମଚାରୀ ଓ ରେଳ ସୁରକ୍ଷା ବଳଙ୍କ ମିଳିତ ସହଯୋଗରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ସେମାନେ ବିଭିନ୍ନ ସ୍ଥାନକୁ କାମ କରିବାକୁ ଯାଉଥିଲେ ବୋଲି ଜଣାପଡ଼ିଛି। ଉଦ୍ଧାର ସମସ୍ତେ ଗଞ୍ଜାମ ଜିଲାର ହୋଇଥିବା ଚାଇଲ୍ଡଲାଇନ୍ ପକ୍ଷରୁ ସୂଚନା ମିଳିଛି। ସମସ୍ତ ଉଦ୍ଧାର ନାବାଳକ ଓ ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିରେ ସୋମବାର ହାଜର କରାଯାଇ ପରେ ସେମାନଙ୍କୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ନାବାଳକମାନେ କାମ ଅନ୍ୱେଷଣରେ ଆନ୍ଧ୍ରପ୍ରଦେଶ ଓ ସୁରଟ ଯାଉଥିଲେ ବୋଲି ଚାଇଲ୍ଡଲାଇନ୍ ପକ୍ଷରୁ କୁହାଯାଇଛି। ସେମାନଙ୍କ ଟ୍ରେନ୍ ଟିକେଟ ଯାଞ୍ଚ ବେଳେ ତନ୍ମଧ୍ୟରୁ ୫ ଜଣ ଆନ୍ଧ୍ରପ୍ରଦେଶ ଯିବା ପାଇଁ ଟିକେଟ କରିଥିବା ବେଳେ ଅନ୍ୟ ଜଣେ ସୁରଟ ଯିବା ଲାଗି ଟିକେଟ କରିଥିବା ଜଣାପଡ଼ିଛି। ଗତ ୮ ମାସରୁ ଏଯାବତ୍ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ୨୩୫ ଜଣଙ୍କୁ ବ୍ରହ୍ମପୁର ରେଳଷ୍ଟେଶନରୁ ଉଦ୍ଧାର କରାଯାଇଛି ବୋଲି ଚାଇଲ୍ଡଲାଇନ୍ ହେଲ୍‌ପ ଡେସ୍କ ସଂଯୋଜକ କଲ୍ୟାଣ କୁମାର ସିଂ ସୂଚନା ଦେଇଛନ୍ତି।

